# NATIONAL NEWS BULLETIN (ODIA)

**28 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡର ଚତୁର୍ଦ୍ଦଶ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍ ।

- ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ପ୍ରସଙ୍ଗ ନେଇ ହଟ୍ଟଗୋଳ ପରେ ସଂସଦର ଉଭୟ ଗୃହ ଦିନକ ପାଇଁ ମୁଲତବୀ ।

- ଆନ୍ତର୍ଜାତୀୟ ମାନବ ଚାଲାଣ ର୍ୟାକେଟ ଠାବ କରିବା ଲାଗି ୬ଟି ରାଜ୍ୟର ୨୨ଟି ସ୍ଥାନରେ ଚଢ଼ଉ ଜାରି ।

- ଶ୍ରୀଲଙ୍କାରେ ପ୍ରତିକୂଳ ପାଣିପାଗ ପ୍ରଭାବରେ ୧୨ ମୃତ, ୩ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

ଏବଂ

- ପ୍ରୋ-କବାଡି ଲିଗ୍‌ରେ ଆଜି ୟୁପି ଯୋଦ୍ଧା ଓ ଜୟପୁର ପିଙ୍କ୍ ପାନ୍ଥର୍ସ ଏବଂ ପୁଣେରୀ ପଲଟନ ଓ ତେଲୁଗୁ ଟାଇଟାନ୍ସ ମଧ୍ୟରେ ମୁକାବିଲା ।

# ଝାଡ଼ଖଣ୍ଡ-ସିଏମ୍ ସ୍ୱେରିଂ

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଆଜି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବିଧାୟକ ଦଳ ନେତା ହେମନ୍ତ ସୋରେନ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ । ସେ ଝାଡ଼ଖଣ୍ଡର ଚତୁର୍ଥଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବେ । ରାଞ୍ଚିସ୍ଥିତ ମୋର୍‌ହାବାଡ଼ି ମଇଦାନରେ ଅପରାହ୍ଣ ୪ଟାରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ତାଙ୍କୁ ଶପଥପାଠ କରାଇବେ । ଗତକାଲି ରାଞ୍ଚିରେ ଶ୍ରୀ ସୋରେନ୍ କହିଥିଲେ ଯେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିଜେପିର ନେତାମାନଙ୍କୁ ନିମନ୍ତ୍ରଣ କରିଛନ୍ତି ।

ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ପ୍ରସାଦ ଯାଦବ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ ମଧ୍ୟ ଏହି ଉତ୍ସବରେ ଯୋଗଦେବାର ସମ୍ଭାବନା ରହିଛି ।

ସୂଚନା ଅନୁଯାୟୀ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ । ଶପଥ ଗ୍ରହଣ ଉତ୍ସବ

ସମୟରେ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ପାଇଁ ଆଜି ରାଞ୍ଚିର ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖାଯାଇଛି ।

## ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ସଂସଦର ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ସମେତ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ପରେ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଦିନକପାଇଁ ମୁଲତବୀ ଘୋଷଣା କରାଯାଇଛି । କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ଗୃହମଧ୍ୟରେ ହଟ୍ଟଗୋଳ କରିଥିଲେ ।

ପ୍ରଥମେ ରାଜ୍ୟସଭାକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ପୁଣି ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ଏସ୍‌ପି ଓ ଆପ୍ ଆଦି ଦଳର ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ବିରୋଦୀ ସଦସ୍ୟମାନଙ୍କୁ ନିଜ ଆସନକୁ ଫେରିବା ପାଇଁ ନିବେଦନ କରିଥିଲେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା । ସଂସଦରେ ଫଳପ୍ରଦ ଆଲୋଚନା ପାଇଁ ସହଯୋଗ କରିବାକୁ ଶ୍ରୀ ଧନଖଡ ନିବେଦନ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଘଟିନଥିଲା । ପରେ ଦିନକପାଇଁ ଗୃହକୁ ମୁଲତବୀ ଘୋଷଣା କରି ଶ୍ରୀ ଧନଖଡ କହିଛନ୍ତି ସଂସଦୀୟ କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଗଣତାନ୍ତ୍ରିକ ଭିତ୍ତିଭୂମିକୁ ଦୁର୍ବଳ କରୁଛି । ତେଣୁ ଆଲୋଚନା ଓ ଗଠନମୂଳକ ଯୋଗଦାନ ପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଲୋକସଭାରେ ମଧ୍ୟ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରଖିଥିଲେ । ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ । ଫଳରେ ବାଚସ୍ପତି ଦିନକପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ବିରୋଧୀମାନଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସମାଲୋଚନା କରିଛନ୍ତି । ବିରୋଧୀମାନଙ୍କ କାର୍ଯ୍ୟକଳାପକୁ ନିନ୍ଦା କରି ଶ୍ରୀ ରିଜିଜୁ କହିଛନ୍ତି କଂଗ୍ରେସ ଓ ବିରୋଧୀଦଳ ସଦସ୍ୟମାନେ ଅନାବଶ୍ୟକ ଭାବେ ହଟ୍ଟଗୋଳ ସୃଷ୍ଟି କରୁଛନ୍ତି ଏବଂ ନୂତନ ସଦସ୍ୟମାନଙ୍କୁ ସେମାନଙ୍କ ମତାମତ ରୋକିବାକୁ ସୁଯୋଗ ଅେଦଉନାହାନ୍ତି ।

ଇତିମଧ୍ୟରେ ୱାକ୍‌ଅଫ ସଂଶୋଧନ ବିଲ୍ ୨୦୨୪ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ କମିଟି ରିପୋର୍ଟ ଉପସ୍ଥାପନ ପାଇଁ ୨୦୨୫ ବଜେଟ୍ ଅଧିବେଶନର ଶେଷ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା । ଗୃହରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟପକ୍ଷରେ ନିକଟରେ ଅନୁଷ୍ଠିତ ଉପନିର୍ବାଚନରେ ବିଜୟୀ ହୋଇଥିବା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ରବୀନ୍ଦ୍ର ବସନ୍ତ ରାଓ ଚୌହ୍ୱାନ ଲୋକସଭାର ସାଂସଦ ଭାବେ ଶପଥ ନେଇଥିଲେ ।

# ଏନ୍‌ଆଇଏ-ହ୍ୟୁମାନ୍ ଟ୍ରାଫିକିଙ୍ଗ

ଅନ୍ତର୍ଜାତୀୟ ମାନବ ଚାଲାଣ ର୍‍ୟାକେଟ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ୬ଟି ରାଜ୍ୟର ୨୨ଟି ସ୍ଥାନରେ ଚଢ଼ଉ କରିଛି । ଏହି ତଦନ୍ତରୁ ମ୍ୟାମାଁର ଓ ଲାଓସରେ ଥିବା ସାଇବର ସ୍କାମ୍ ସେଣ୍ଟର ସମ୍ପୃକ୍ତ ଥିବା ଜଣାପଡିଛି । ଏହା ଅଧୀନରେ ବିଭିନ୍ନ ଠକେଇ କାର୍ଯ୍ୟକଳାପରେ ଭାରତୀୟ ନାଗରିକମାନଙ୍କୁ ଶୋଷଣ କରାଯାଇଥିବା କୁହାଯାଇଛି ।

# ଲଙ୍କା ଡିପ୍ ଡିପ୍ରେସନ

ଦକ୍ଷିଣ-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଯୋଗୁଁ ଶ୍ରୀଲଙ୍କାରେ ଖରାପ ପାଗ ଲାଗି ରହିଛି । ପ୍ରତିକୂଳ ପାଗ ପ୍ରଭାବରେ ଶ୍ରୀଲଙ୍କାରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ପାଇଥିବାବେଳେ ୨ଜଣ ନିଖୋଜ ଅଛନ୍ତି । ସେଠାକାର ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସୂଚନା ଅନୁଯାୟୀ ୨୩ଟି ଜିଲ୍ଲାର ୩ଲକ୍ଷରୁ ଅଧିକ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆଜି ଭୋର୍ ୫ଟା ୩୦ ମିନିଟ୍ ସମୟରେ ଲଘୁଚାପ ତ୍ରିଙ୍କୋମାଲିଠାରୁ ୧୧୦ କିଲୋମିଟର ଉତ୍ତର ପୂର୍ବରେ କେନ୍ଦ୍ରୀଭୂତ ରହିଥିଲା । ଏହା ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତିକରି ଶ୍ରୀଲଙ୍କାର ପୂର୍ବ ଉପକୂଳ ନିକଟରେ ଘୂର୍ଣ୍ଣିବଳୟରେ

ପରିଣତ ହେବ ବୋଲି ପୂର୍ବାନୁମାନ କରାଯାଇଛି । ସୂଚନା ଅନୁଯାୟୀ ୨୬୭ଟି ଆଶ୍ରୟସ୍ଥଳୀରେ ୨୭ହଜାରରୁ ଅଧିକ ଲୋକ ଆଶ୍ରୟ ନେଇଥିବାବେଳେ ୬୧ହଜାରରୁ ଅଧିକ ଲୋକଙ୍କୁ ନିକଟ ସମ୍ପର୍କୀୟଙ୍କ ଘରକୁ ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ୧ହଜାର ୭୦୦ରୁ ଅଧିକ ବାସଗୃହ ଆଂଶିକ କିମ୍ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ।

ଇତିମଧ୍ୟରେ ଆଜି ସଂଧ୍ୟା ୭ଟା ପର୍ଯ୍ୟନ୍ତ ୯ଟି ଜିଲ୍ଲାରେ ଭୂ-ସ୍ଖଳନ ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ କ୍ଷତିଗ୍ରସ୍ତଙ୍କୁ ସହାୟତା କରିବା ଲାଗି ସେନାବାହିନୀର ୨ହଜାର ୭୦୦ଜଣ ଜବାନଙ୍କୁ ନିୟୋଜିତ କରାଯାଇଛି । ସଂପୃକ୍ତ ଜବାନମାନେ ଉଦ୍ଧାରକାର୍ଯ୍ୟ ସହ ରିଲିଫ୍ ପ୍ରଦାନ କରୁଛନ୍ତି । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି ।

## ଟିଏନ୍-ପ୍ରଧାନ ଭିଜିଟ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନିଆ ତାମିଲନାଡୁ ଗସ୍ତରେ ଯାଇଛନ୍ତି । ସେଠାରେ ମନ୍ତ୍ରୀ ଶ୍ରୀ ପ୍ରଧାନ କାମାଚିଅମନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ପାରମ୍ପରିକ ରୀତିନୀତିରେ ସ୍ୱାଗତ କରାଯାଇଥିଲା । କାଞ୍ଚିପୁରମର ଏନାଥୁରସ୍ଥିତ ଶ୍ରୀ

ଶଙ୍କରା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସମାରୋହରେ ଶ୍ରୀ ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଗୋୟଲ ପ୍ରେସ୍ କନ୍‌ଫରେନ୍ସ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ଯୋଗୁଁ ଆଜି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ଗବେଷଣା ଏବଂ ପୁଞ୍ଜିନିବେଶ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହୋଇଛି । ଆଜି ସକାଳେ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋୟଲ କହିଛନ୍ତି ଡିଜିଟାଲ ଇଣ୍ଡିଆ ଅଭିଯାନ ଦେଶରେ ବିପ୍ଳବ ସୃଷ୍ଟି କରିଛି ଏବଂ ଭାରତକୁ ସୂଚନା କେନ୍ଦ୍ର, କୃତ୍ରିମ ବୁଦ୍ଧିମତା ଗବେଷଣା ଏବଂ ବିଶ୍ୱ ସାମର୍ଥ୍ୟ କେନ୍ଦ୍ରର ପେଣ୍ଠସ୍ଥଳୀ ଭାବେ ଉପସ୍ଥାପନ କରିଛି । ସେ କହିଛନ୍ତି ଗ୍ରୀନ୍ ନେଟଓ୍ୱର୍କର ଶୁଭାରମ୍ଭ ଏବଂ ଭିତ୍ତିଭୂମି ବିକାଶ ଦେଶରେ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ।

ଶ୍ରୀ ଗୋୟଲ କହିଛନ୍ତି ଆମେରିକା ଏବଂ ବ୍ରିଟେନରେ ଶାସନ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବର୍ତ୍ତମାନର ବ୍ୟବସାୟିକ ଭାଗିଦାରୀ ଉପରେ କୌଣସି ପ୍ରଭାବ ପଡିବ ନାହିଁ । ସଂସଦର ଶୀତକାଳୀନ ଅଧିବେଶନ ପରେ ଭାରତ ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରଖିବ ବୋଲି ସେ କହିଛନ୍ତି ।

## ଇଏସ୍ଆଇସି-ପିଏମ୍ଜେଏୱାଇ

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ କହିଛି ଯେ ଇଏସ୍ଆଇସି, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହଯୋଗରେ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛି । ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମନ୍ତ୍ରଣାଳୟ କହିଛି ଏହି ବିଜ୍ଞପ୍ତି ଦ୍ୱାରା ୧୪କୋଟି ୪୩ଲକ୍ଷରୁ ଅଧିକ ଇଏସ୍ଆଇ ହିତାଧିକାରୀ ଓ ସେମାନଙ୍କ ପରିବାର ଉପକୃତ ହେବେ । ଏହାଦ୍ୱାରା ସଂପୃକ୍ତ କର୍ମଚାରୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ପାଇବା ଲାଗି ସୁଯୋଗ ମିଳିପାରିବ । ପ୍ରାୟ ୩୦ ହଜାରରୁ ଅଧିକ ତାଲିକାଭୁକ୍ତ ଡାକ୍ତରଖାନାରେ ସେମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦିଆଯିବ । ମନ୍ତ୍ରଣାଳୟ କହିଛି ଚିକିତ୍ସା ଖର୍ଚ୍ଚ ଉପରେ କୌଣସି ଆର୍ଥିକ ସୀମା ରହିବ ନାହିଁ । ଅନ୍ୟପକ୍ଷରେ ଇଏସ୍ଆଇ ହିତାଧିକାରୀଙ୍କ ଚିକିତ୍ସା ପାଇଁ ସାରା ଦେଶରେ ଥିବା ଚାରିଟେବୁଲ ହସ୍ପିଟାଲଗୁଡ଼ିକୁ ତାଲିକାଭୁକ୍ତ କରାଯିବ ।

## ପାର୍-ଯୋଶୀ

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଲୋକସଭା ଏବଂ ରାଜ୍ୟସଭାରେ ବାଧା ସୃଷ୍ଟି କରୁଥିବା ବିରୋଧୀ ଦଳଗୁଡ଼ିକୁ ପ୍ରଶ୍ନ କରିଛନ୍ତି । ଆଜି ସଂସଦ ଭବନ

ବାହାରେ ଶ୍ରୀ ଯୋଶୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବାଚସ୍ପତି ଓ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମତିପ୍ରାପ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ।

## ଜାପାନ-ଏଡିବି ପ୍ରେସିଡେଣ୍ଟ ଇଲେକ୍ଟେଡ

ଏସୀୟ ଉନ୍ନୟନ ବ୍ୟାଙ୍କର ପରିଚାଳନା କମିଟିର ଅନୁମୋଦନ କ୍ରମେ ମାସତୋ କାଣ୍ଡା ଏକାଦଶ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ଶ୍ରୀ କାଣ୍ଡା ଏବେ ଜାପାନ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି । ଏଡିବି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ କାଣ୍ଡା ଆସନ୍ତାବର୍ଷ ଫେବୃୟାରୀରେ ଦାୟିତ୍ୱଗ୍ରହଣ କରିବେ । ସେ ୨୦୨୬ ନଭେମ୍ବର ୨୩ ପର୍ଯ୍ୟନ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ । ସୂଚନାଯୋଗ୍ୟ ୧୯୬୬ ମସିହାରେ ସ୍ଥାପିତ ଏସୀୟ ଉନ୍ନୟନ ବ୍ୟାଙ୍କର ମୁଖ୍ୟାଳୟ ଫିଲିପାଇନ୍ସର ମାନିଲାରେ ରହିଛି । ଏସୀୟ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କ ସମଗ୍ର ବିଶ୍ୱରେ ୩୧ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ଜରିଆରେ କାର୍ଯ୍ୟ କରୁଛି । ଏବେ ଏହି ବ୍ୟାଙ୍କରେ ୬୮ଜଣ ସଦସ୍ୟ ରହିଛନ୍ତି ।

## ଇଣ୍ଡିଆ-ରୁଷିଆ ମିଲିଟାରୀ

ଭାରତ-ରୁଷ୍ ଆନ୍ତଃ ସରକାରୀ କମିଶନସ୍ତରୀୟ ସାମରିକ ସହଯୋଗ କାର୍ଯ୍ୟକାରୀ ଦଳର ଚତୁର୍ଥ ବୈଠକ ସଫଳତାର ସହ ଶେଷ ହୋଇଛି । ରୁଷ୍‌ର ମସ୍କୋଠାରେ ଆୟୋଜିତ ବୈଠକରେ ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଆଗକୁ ନେବାପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଜଣାପଡିଛି । ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସହଯୋଗ ଜାରି ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଇଡି-ସାଇବର କ୍ରାଇମ୍

ସାରା ଦେଶରେ କ୍ୟୁଆର୍ କୋର୍ଡ ଠକେଇ, ଫିସ୍କିଂ ସ୍କାମ୍ ଏବଂ ପାର୍ଟଟାଇମ୍ ଚାକିରୀ ଦୁର୍ନୀତି ଭଳି ସାଇବର ଅପରାଧର ମୂଳ ଖୋଜିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପଦକ୍ଷେପ ନେବା ଆରମ୍ଭ କରିଛି । ସାଇବର କ୍ରାଇମ୍ ନେଟଓ୍ୱର୍କ ସହ ଜଡିତ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି ।  ପ୍ରାଥମିକ ତଦନ୍ତରୁ ୧୫ହଜାରରୁ ଅଧିକ ଆକାଉଣ୍ଟ ମାଧ୍ୟମରେ ଏବଂ ଡେବିଟ ଓ କ୍ରେଡିଟ କାର୍ଡ ଜରିଆରେ ଠକେଇ କରାଯାଉଥିବା ଜଣାପଡିଛି ।

## ଇସ୍ରାଏଲ-ଆଇସିସି ଅପିଲ

୨୦୨୩-୨୪ ଗାଜା ଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଭାବେ ଦୋଷୀ ସାବ୍ୟସ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏବଂ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟଙ୍କ ବିରୁଧରେ ଜାରି ହୋଇଥିବା ଗିରଫ ପରୱାନା ସ୍ଥଗିତ ରଖିବାକୁ ଆନ୍ତର୍ଜାତୀୟ ଅପରାଧ ଅଦାଲତରେ ଇସ୍ରାଏଲ ଆବେଦନ କରିଛି । ଆମେରିକା ଓ ଫ୍ରାନ୍ସ ଏହି ଗିରଫ ପରୱାନାକୁ ନିନ୍ଦା କରିଥିବାବେଳେ ବ୍ରିଟେନ୍ ଓ କାନାଡା ଏହାକୁ କାର୍ଯ୍ୟକାରୀ କରିବାକୁ କହିଛନ୍ତି ।

## ହକି-ଜୁନିୟର ଏସିଆକପ୍

ପୁରୁଷ ଜୁନିୟର ଏସିଆ କପ୍ ୨୦୨୪ରେ ଆଜି ଓମାନର ମସ୍କଟଠାରେ ଭାରତ ଓ ଜାପାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତ ଦ୍ୱିତୀୟଥର ପାଇଁ ଆଜି ଜାପାନ ସହ ଖେଳିବ । ଆସନ୍ତା ଶନିବାର ଦିନ ଭାରତ ଚାଇନିଜ୍ ତାଇପେଇ ଏବଂ ରବିବାର ଦିନ ଗ୍ରୁପ୍ ପର୍ଯ୍ୟାୟରେ କୋରିଆ ସହ ମ୍ୟାଚ୍ ଖେଳିବ ।

# ପ୍ରୋ-କବାଡି ଲିଗ୍

ପ୍ରୋ କବାଡି ଲିଗ୍‌ରେ ହରିଆଣା ଷ୍ଟିଲର୍ସ ୩୮-୨୮ରେ ପୁନେରୀ ପଲ୍‌ଟନକୁ ପରାସ୍ତ କରି ଶୀର୍ଷରେ ରହିଛି । ଗତକାଲି ନଏଡା ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଖେଳରେ ହରିଆଣା ଷ୍ଟିଲର୍ସ ଏହି ବିଜୟ ହାସଲ କରିଛି । ଶିବମ୍ ପଟାରେ ସର୍ବାଧିକ ୧୩ ପଏଣ୍ଟ ସ୍କୋର କରିଥିବା ବେଳେ ମହମ୍ମଦ ରେଜା ସାଦଲୁଇଙ୍କ ୫ ପଏଣ୍ଟ ସହ ହରିଆଣା ଷ୍ଟିଲର୍ସ ୫୬ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛି । ୟୁମୋମ୍ବୋ ୪୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ୩୯-୩୭ରେ ବେଙ୍ଗଲ ୱାରିଅର୍ଜକୁ ପରାସ୍ତ କରି ତୃତୀୟ ବିଜୟ ହାସଲ କରିଛି ।

ଆଜି ରାତି ୮ଟାରେ ୮୧ତମ ମ୍ୟାଚ୍‌ରେ ୟୁପି ଯୋଦ୍ଧା ଏବଂ ଜୟପୁର ପିଙ୍କ୍ ପାନ୍ଥର୍ସ ଓ ରାତି ୯ଟାରେ ୮୨ତମ ମ୍ୟାଚ୍‌ରେ ୟୁମୁମ୍ବା ଏବଂ ତେଲୁଗୁ ଟାଇଟାନ୍‌ସ ମଧ୍ୟରେ ମୁକାବିଲା ହେବ ।